
# ଅଭ୍ୟୁଦୟ ଏକ ଉଦ୍ଜୀବିତ ପ୍ରେମର



ଶ୍ରାବଣ ଆକାଶରେ ଭିଜା ଭିଜା ଏକ ଜହ୍ନର ପରିପ୍ରକାଶ । ଜ୍ୟୋତ୍ସ୍ନାସ୍ନାତ ରଜନୀର ନିସ୍ତବ୍ଧ ଆଲୋକରେ ମୋର ଅଭିସାରିକାକୁ ପ୍ରତୀକ୍ଷା କରିବାର ଯବନିକା ଟାଣିବାର ପ୍ରଚେଷ୍ଟା କରି ବି ପାରେନା । ସେ ଯେ ଆକାଶର ଜହ୍ନଟାକୁ ସାଥିରେ ନେଇ ଆସେ । ସେ ଚାହିଁଲେ ପୂର୍ଣ୍ଣମୀ ଜହ୍ନ ଯେ ବଉଦ ଫାଙ୍କରେ ହଠାତ୍ ମୁହଁ ଲୁଚାଇ ଅମାବାସ୍ୟାର ପ୍ରତ୍ୟୟ ସୃଷ୍ଟି କରିପାରେ । ସେଇ ଜ୍ୟୋତ୍ସ୍ନାସ୍ନାତ ରଜନୀର ସେପରି ଏକ ଅସ୍ତବ୍ୟସ୍ତ ଅନ୍ତରଙ୍ଗ ମୁହୂର୍ତ୍ତ ଅପେକ୍ଷାରେ ପ୍ରତୀକ୍ଷାମାଣ ମୁଁ, ପୀୟୂଷ ତୁମରି ଚିନ୍ତା ଯେ କାହିଁକି ଅନେକ ଅନେକ ଦିନ ପରେ ମନଟାରେ ବ୍ୟଥିତ ରାଗିଣୀର ଆର୍ତ୍ତନାଦ ଆଣି ଦେଉଛି, ମୁଁ ଆଜି ବି ବୁଝି ପାରେନା .... । ଇନ୍ଦ୍ରାଣୀ ମୋର ପ୍ରେମିକା । ତା'ର ଅନୂଢ଼ା ବୟସରୁ ମୋ ସହିତ କ୍ଷୀର ନୀର ସଂପର୍କ । ଗାଁର ଝିଅଟିଏ । ପଲ୍ଲୀବଧୂ । ଗାଁର ଠାକୁରାଣୀ ମନ୍ଦିରଠାରୁ, ପୋଖରୀ ତୁଠରୁ, କଲେଜ ଯିବା ନିଛାଟିଆ ରାସ୍ତାରୁ, କଲେଜ ହଷ୍ଟେଲ ପାଖରେ ଥିବା ପରିତ୍ୟକ୍ତ ସ୍ଥାନ ପର୍ଯ୍ୟନ୍ତ, ମୋର ଇନ୍ଦ୍ରାଣୀ ପାଇଁ

ପ୍ରତୀକ୍ଷା କେତେବେଳେ ନିଷ୍ଫଳ ହୁଏନା । ସେ ଯେ କେତେବେଳେ ମୋର ପ୍ରତୀକ୍ଷା କରେ ନାହିଁ, ସେ କଥା ବୋଧେ ମୁଁ ଚିନ୍ତା ବି କରି ପାରେନା । ମାତ୍ର ମୋର ଆସିବା ସ୍ଥାନରେ ତା'ର ହଠାତ୍ ଆବିର୍ଭାବ ହୋଇଯାଏ । ହୁଏତ ପ୍ରେମର ଟେଲିପାଥି ।

ନୀରବ ନିର୍ଜନ ବେଳାଭୂମିରୁ ଅଳ୍ପ କୋଡୋଟି ଛୋଟ ଛୋଟ ଶାମୁକା ଏକାଠି କରୁ କରୁ ପ୍ରଶ୍ନ କଲେ ଇନ୍ଦ୍ରାଣୀ - ପୀୟୂଷ ! ପ୍ରେମର ପିଆଲାରୁ ପିଇବାର ଅଭୀପ୍ସା ଥିବା ଜଣେ ପ୍ରେମିକା କଣ ପିଇବା ବିନା ଜୀବନର ସ୍ୱାଦ ଅନୁଭବ କରିବା ସମ୍ଭବ ନୁହେଁ ? ତୁମ ଦେହର ନକ୍ସାରେ ଯେତୋଟି ମାଂସପେଶୀର ରେଖା, ସେଗୁଡ଼ିକ ହୁଏତ ଅନେକଦିନ ପରେ ମୋ' ମନର ମୁକୁରରେ ଏବେ ବି ଉଦ୍‌ଜୀବିତ, ମୁଦ୍ରିତ ମଧ୍ୟ । ତାକୁ ଭୁଲିବାର ଚେଷ୍ଟା ମୋର ନିଃସଙ୍ଗ ଜୀବନରେ ଏକ ବ୍ୟତିକ୍ରମ ହୋଇ ନଥାନ୍ତା କି ? ପୁରୀ ସମୁଦ୍ରର ଏକ ବିଜନ ବେଳାରେ ଏକ କ୍ଳାନ୍ତ ଜ୍ୟୋତ୍ସ୍ନା ପ୍ଲାବିତ ରଜନୀରେ ଅନେକ ଡେରିଯାଏ ଆମେ ଦୁହେଁ ଏକାନ୍ତରେ ବସି ଅତିକ୍ରାନ୍ତ ଦିନର ବ୍ୟତୀତାତ୍ମକ ଦୁଃଖ ବିଷୟରେ ପଶ୍ଚାତ୍ତାପ କରିବା ସହିତ ସମୁଦ୍ରର ଗଭୀରତା ସହ ଆମ ପ୍ରେମର ଗଭୀରତାର ଏକ ତୁଳନାତ୍ମକ ସନ୍ଦର୍ଭ ପରିପ୍ରକାଶ କରିବାର ପ୍ରୟାସ କରିଥିଲୁ । ମେଞ୍ଚା ମେଞ୍ଚା ଢେଉ ଗୁଡ଼ା ଯେମିତି ପ୍ରସ୍ତରୀଭୂତ ବାଲୁକା ଶେଯରେ ମୁଣ୍ଡ ବାଡ଼େଇବାରେ ବ୍ୟସ୍ତ । ସୁଦୀର୍ଘ ଉତ୍ସୁକତାର ପରିସମାପ୍ତି ଘଟାଇ ଇନ୍ଦ୍ରାଣୀଙ୍କର ହାତ ଧରି ମୁଁ ତାଙ୍କର ମନର ଉଷ୍ଣତା ମୋର ଜୈବିକ ଶରୀରରେ ମାପିବାର ପ୍ରଚେଷ୍ଟା କରିଥିଲି ।

ଇନ୍ଦ୍ରାଣୀ ମୋର ପ୍ରେମିକା, ଏକ ସ୍ୱନାମଧନ୍ୟ ମହାବିଦ୍ୟାଳୟର ଅଧ୍ୟାପିକା; ଏବଂ ମୁଁ ପୀୟୂଷ, ଭାରତ ସରକାରଙ୍କର ଜଣେ ବରିଷ୍ଠ ଅଫିସର । ଆମେ ଦୁହେଁ ଏ ସମାଜର କଠୋରପନ୍ଥୀ ଚିନ୍ତାଧାରାର ପରିବେଷ୍ଟନୀ ଭିତରେ ଜାତିଗତ ସମସ୍ୟା ସତ୍ତ୍ୱେ ବିବାହ ବନ୍ଧନରେ ଆବଦ୍ଧ ହୋଇ ଯାଇଥିଲୁ । ବୈବାହିକ ଜୀବନର ପ୍ରତିଟି ଆବେଗ, ପ୍ରତିଟି ଶୁଭଙ୍କରୀ ମୁହୂର୍ତ୍ତର ଅନୁଭୂତି ଆଜି ବି ଆମର ପାଥେୟ ସାଜିଛି । ବିବାହ ପରେ ପାରିବାରିକ ସ୍ଥିତି ହୁଏତ ଆମକୁ ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ଅଲଗା କରିବାର ଦୁଃସାହସ କରିଥିଲା ତଥା କର୍ମମୟ ଜୀବନର ପାରିପାର୍ଶ୍ୱିକ ବ୍ୟବସ୍ଥା, ତା'ପରେ ଦୀର୍ଘ ତିରିଶ ବର୍ଷର ମନାନ୍ତର, ବ୍ୟବଧାନ, ଅନେକ ଦିନର ବିଚ୍ଛେଦ ପରେ ପ୍ରେମ ସାଗରର ଜୁଆରରେ ଭଟ୍ଟା ଆସିବା ସ୍ୱାଭାବିକ । ଦୁହେଁ ପ୍ରୌଢ଼ତ୍ୱରେ ପଦାର୍ପଣ କରି ଜୀବନର ଅପରାହ୍ନକୁ ଉନ୍ନୀତ । ସୁଦୀର୍ଘ ବ୍ୟବଧାନ ପରେ ହୁଏତ ମନରେ ଅନେକ ପ୍ରଶ୍ନ ଆସେ ଏକାଠି ରହିବାର ଆବଶ୍ୟକତା ନେଇ । ବେଳେ ବେଳେ ମୋର ମନରେ ଏକାନ୍ତ

ଭାବନା ଆସେ ଯେ, ଇନ୍ଦ୍ରାଣୀ ଏ ପରିଣତ ବୟସରେ କିହାତି ପାଖେଇ ଆସିବା ଉଚିତ ଥିଲା ଅନେକ ଦିନରୁ । ମୋର ମଧ୍ୟ ..... ।

ଆଜି ମହୋଦଧିର ସୈକତ ବେଳାଭୂମି ବୋଧହୁଏ ଆମକୁ ଏକାଠି କରିବାର ଅଭିନୟ କରିଛି ମାତ୍ର । ହୁଏତ ହୋଇପାରେ ଏହା ଏକ ଅଦୃଶ୍ୟ ଶକ୍ତିର ଆଶୀର୍ବାଦ । ହଠାତ୍ ଇନ୍ଦ୍ରାଣୀ ଓ ମୁଁ ସାମ୍ନାସାମନି ଆସିଗଲୁ ବେଳାଭୂମିର ଏକ ନିକାଞ୍ଚନ ମୁହୂର୍ତ୍ତରେ । ତା'ପରେ ଆମେ ଦୁହେଁ ହୁଏତ ମୁହଁ ଆଢ଼େଇ ଦେବାର ପ୍ରଚେଷ୍ଟା କରି ମଧ୍ୟ କରି ପାରିଲୁ ନାହିଁ । ତା'ପରେ ହାଏ ଇନ୍ଦ୍ରାଣୀ ! ...... ହାଏ ପୀୟୂଷ ! .... କେମିତି ଅଛ ଇତ୍ୟାଦି । ହୁଏତ ପୁରାତନ ପାଠର ପର୍ଯ୍ୟାଲୋଚନା ସହ ନୂତନ ପାଠ୍ୟକ୍ରମର ପ୍ରଚଳନ । ନୂତନ ପ୍ରେମର ଅଭ୍ୟୁଦୟ । ହାତରେ ହାତ ଦେଇ ବସି ମାନସିକ ସ୍ତରରେ ଦୁଇଜଣ ସମାଜରେ ଉଚ୍ଚ ବର୍ଗର, ଉଚ୍ଚ ପଢୁଆ ତଥା ଉଚ୍ଚ ବିଭାବର ସମ୍ମିଶ୍ରଣ ପାଇଁ ପ୍ରବଳ ପ୍ରଚେଷ୍ଟା । ବର୍ଷ ବର୍ଷ ଧରି ଗଢ଼ି ଉଠିଥିବା ଅହମିକାଚୟର ବିଲୋପନ ପାଇଁ ପରମ ପ୍ରଚେଷ୍ଟା ତଥା ଉଜୁଡ଼ି ଯାଇଥିବା ଏକ ଝଡ଼ ବିପନ୍ନ ପରିବାରକୁ ନୂତନ ଭାବରେ ଗଢ଼ିବା ଉପକ୍ରମର ଏକ ସିଦ୍ଧାନ୍ତ । ଏହି ବିଚାର ଏକ ସାମାନ୍ୟ ସିଦ୍ଧାନ୍ତ ନୁହେଁ ଯେପରି । ଉଦ୍‌ବେଳିତ ସମୁଦ୍ରର ଝଡ଼ାବଶେଷ ଶାନ୍ତ । ଏକ ପ୍ରଶାନ୍ତ ପରିବେଶର ପରିପ୍ରକାଶ ମହୋଦଧିର ଏଇ ପବିତ୍ର ବେଳାଭୂମିରେ ।

ଇନ୍ଦ୍ରାଣୀଙ୍କର ବୟସର ଛାପ ବୋଧହୁଏ ମୋର ସମବୟସ୍କ ଆଖିରେ ଠିକ୍ ଦୃଷ୍ଟ ହେଲା ନାହିଁ । ବରଂ ମୁଁ ଅନୁଭବ କରି ପାରୁଥିଲି ଯେ ବୟସ ଅତିକ୍ରାନ୍ତର କଳ୍ପନା ଉଦ୍‌ବେଳିତ ସମୁଦ୍ରରେ କିନାରା ଖୋଜୁଥିବା ଦିଗହରା ଏକ ସାମୁଦ୍ରିକ ପୋତ, ଅନେକ ତୋଫାନରୁ ମୁକ୍ତି ପାଇଁ ଯୁଦ୍ଧ କରି ଶେଷରେ ଏକ ନିରାପଦ ଆଶ୍ରୟସ୍ଥଳ ପାଇଯାଇଛି । ତାହାହିଁ ଥିଲା ମୋର ଏବଂ ଇନ୍ଦ୍ରାଣୀଙ୍କର ଏବର ଭାବନାର ସାମୂହିକ ଉପାଦାନ ।

ତା'ପରେ ଆମେ ଦୁହେଁ ହାତରେ ହାତ ଛନ୍ଦି, ବାହୁରେ ବାହୁ ବେଷ୍ଟନକରି ଅନନ୍ତ ଆକାଶର ନୀଳିମାକୁ ଅନାଇ ଅନ୍ତଃହୀନ ବେଳାଭୂମିରେ ଅନେକ ଦୂରକୁ ଯିବାର ହୁଏତ ପଥଚାରୀମାନେ ଦେଖିଛନ୍ତି ଏବଂ ଯେଉଁ ପଦଚିହ୍ନ ହୁଏତ ସମୁଦ୍ରର ଉଦ୍‌ବେଳନ ସହ ପ୍ରତି ମୁହୂର୍ତ୍ତରେ ଓଦା ବାଲିରେ ମିଶାଇ ଦେଇ ଯାଇଛି ।